# Akashvani, Sambalpur

## SAMBALPURI NEWS BULLETIN

### 1 February 2025- 6.47- 6.52 am.

**********************************************

ସଂସଦ୍- ବଜେଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କର୍‌ବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ସଂସଦ୍‌ର ଦୁହି ଗୃହକେ ସମ୍ବୋଧନ୍ କରିଥିଲେ । ରାଷ୍ଟ୍ରପତି ତାଙ୍କର୍ ଅଭିଭାଷଣ୍‌ଥି ଭାରତୀୟ ଗଣତନ୍ତ୍ରର୍ ୭୫ ବଛର୍ ଯାତ୍ରା ମହତ୍ୱ ବୁଝାବାର୍ ସହେତେ ଯୁବଗୋଷ୍ଠୀଙ୍କର୍ ଲାଗି ଶିକ୍ଷା, ନିଯୁକ୍ତି, ମହିଳା ସଶକ୍ତିକରଣ୍, ଷ୍ଟାର୍ଟଅପ୍, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଦିଗେ ସର୍‌କାର୍‌ଙ୍କର ଉପଲବ୍ଧି ବାବ୍‌ଦେ କହିଥିଲେ ।

ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉତ୍‌ରୁ ଅର୍ଥମନ୍ତ୍ରୀ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ୍ କରିକରି ଭାରତ୍‌ର ମୋଟ୍ ଘରୋଇ ଉତ୍ପାଦ- ଜିଡିପି ଆର୍ଥିକ୍ ବଛର୍ ୨୦୨୫-୨୬ ଥି ୬ ଦଶ୍‌ମିକ୍ ୩ ନୁ ୬ ଦଶ୍‌ମିକ୍ ୮ ପ୍ରତିଶତ୍ ଭିତ୍‌ରେ ରହେବା ବଲି ତଥ୍ୟ

ଦେଇଛନ୍ । ସର୍ଭେ ରିପୋର୍ଟ ଅନ୍‌ସାରେ, ଆତ୍ମନିର୍ଭର୍ ଭାରତ୍‌କେ ତହଁକାବାର୍ ଲାଗି ୫୦ ହଜାର୍ କୋଟି ଟଙ୍କାର୍ ଆତ୍ମନିର୍ଭର୍ ଭାରତ୍ ଫଣ୍ଡ ମୁଲ୍ କରାଯାଇଛେ । ବେରୋଜ୍‌ଗାରୀ ହାର ୨୦୨୩-୨୪ ବଛ୍‌ରେ ୩ ଦଶ୍‌ମିକ୍ ୨ ପ୍ରତିଶତ୍‌କେ କମିଛେ । ଭିନ୍ ଭିନ୍ ପଦକ୍ଷେପ୍ ଜରିଏ ଉତ୍ପାଦ ଆର୍ ଫସଲ୍ ବିବିଧତାକେ ତହଁକାବାର୍ ନୁ କୃଷି କ୍ଷେତ୍ରଥି ୨୦୧୭ ନୁ ୨୦୨୩ ଆର୍ଥିକ୍ ବଛର୍ ଭିତ୍‌ରେ ହାରାହାରି ୫ ପ୍ରତିଶତ୍ ଅଭିବୃଦ୍ଧି ରେକର୍ଡ଼୍ କରାଯାଇଛେ ବଲି ଅର୍ଥମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ସୋମ୍‌ବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ହେବା । ଶୁଣାଣି ଲାଗି ଗଲାକାଏଲ୍‌ନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେଇଛେ । ଆଗ୍ରହୀ ଜନସାଧାରଣ୍ ମୁଖ୍ୟମନ୍ତ୍ରୀଙ୍କର ଜନଶୁଣାଣି ପୋର୍ଟାଲ୍ ଜନଶୁଣାଣି- ଡଟ୍- ଓଡ଼ିଶା- ଡଟ୍- ଜିଓଭି -ଡଟ୍ ଆଇ.ଏନ୍. ଆର୍ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୟୁର୍‌ଭଞ୍ଜ ଉତ୍ସବ-ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ମୁଲ୍ ହେଇଥିବା ମୟୁର୍‌ଭଞ୍ଜ ଉତ୍ସବ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ ଗୁଟେ ଛଉ ଏକାଡେମୀ ଆର୍ ସାଂସ୍କୃତିକ୍ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କର୍‌ବାର୍ ଲାଗି ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ବାରିପଦା ଠାନେ ୬୦ କୋଟି ଟଙ୍କା ଖର୍ଚ୍ଚାଥି ବୁଢ଼ାବଲଙ୍ଗ ରିଭର୍‌ଫ୍ରଣ୍ଟ୍‌ରକେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଇସ୍ପାତ୍ କାର୍‌ଖାନା ଲାଗି ଜିଏମ୍, ଆଇରନ୍ ଆର୍ ଷ୍ଟିଲ୍ କମ୍ପାନୀ ମାନ୍‌କର୍ ସହେତେ ଚୁକ୍ତି ଆର୍ ଇଥାନଲ୍ ପ୍ରକଳ୍ପ ଥାପ୍‌ନା ଲାଗି ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାସ୍ତାଘାଟ ଉନ୍ନତି -ନୀତି I&PR

ରାଏଜେ ରାସ୍ତାଘାଟର୍ ଉନ୍ନତି ଲାଗି ଖାସ୍ ନୀତି ବନାଯିବା । ବଛର୍‌କ ୧୫ ହଜାର୍ କିଲୋମିଟର୍ ହିସାବେ ଆଏବା ୫ ବଛ୍‌ରେ ୭୫ ହଜାର୍ କିଲୋମିଟର୍ ରାସ୍ତା ନିର୍ମାଣ୍ କର୍‌ବାର୍‌କେ ରାଜ୍ୟ

ସରକାର୍ ଲକ୍ଷ୍ୟ ରଖିଛନ୍ ବଲି ଗଲାକାଏଲ୍ ଭୁବନେଶ୍ୱର୍ ଲୋକସେବା ଭବନ୍ ଠାନେ ପୂର୍ତ ଆଉ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ସମୀକ୍ଷା ବୈଠକ୍ଥି ନିଷ୍ପତି ହେଇଛେ । ୭୫ ହଜାର୍ କିଲୋମିଟର୍ ରାସ୍ତା ଭିତ୍ରେ ଜାତୀୟ, ପୂର୍ତ, ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍, ନଗର୍ ଉନ୍ନୟନ୍ ବିଭାଗ୍ର ରାସ୍ତା ଆର୍ ପୁଲିଆ ସାମିଲ୍ ରହେବା ବଲି ବୈଠକ୍ଥି କୁହାଯାଇଛେ ।

ଟୋଲ୍ଗେଟ୍ ଜରିମାନା- ଗାଡ଼ି ବୀମା ଆର୍ଏନ୍ୟୁ/ସମ୍ବଲପୁର

ଆଏଜ୍ଠାନୁ ରାଜ୍ୟର୍ ୨୨ ଟା ଟୋଲ୍ଗେଟ୍ ନ ବୀମା ନାଇଁ କରିଥିବା ଗାଡ଼ି ଉପ୍ରେ ଜରିମାନା ଲାଗୁ କରାଯିବା । ଟୋଲ୍ଗେଟ୍ମାନ୍କେ ଲାଗିଥିବା ବୈଷୟିକ କୌଶଲ୍ ଅନ୍ସାରେ ଗୁଟେ ସ୍ୱୟଂକ୍ରିୟ ପ୍ରକ୍ରିୟାଥି ଗାଡ଼ିର ଇ ଚାଲାଣ୍ କରଯିବା । ଇଥିର୍ଲାଗି ଇ ଡିଟେକ୍ସନ୍ ବ୍ୟବସ୍ଥାଥି ବୀମା ସମ୍ପର୍କିତ ସୂଚ୍ନା ଯୁଡ଼ାଯିବାର୍ ପ୍ରକ୍ରିୟା ଶେଷ୍ ହେଇଛେ । ଗାଡ଼ିମାନ୍କର୍ ବୀମା ନାଇଁଥିଲେ ଜଲ୍ଦି ବୀମା କରାବାର୍କେ ରାଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ସବ୍କୁ ଅନୁରୋଧ୍ କରାଯାଇଛେ ।

ଓଜେଇଇ -୨୦୨୫ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ -୨୦୨୫ ଲାଗି ଆବେଦନ୍ ମୁଲ୍ ହେଇଛେ । ଆଏବା ମାର୍ଚ୍ଚ ୨୦ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଡବ୍ଲୁଡବ୍ଲୁଡବ୍ଲୁ. ଡଟ୍. ଓଜେଇଇ. ଡଟ୍. ଏନ୍‌ଆଇସି ଡଟ୍ ଆଇଏନ୍‌ଥି ଆବେଦନ୍ କରାଯାଇପାର୍‌ବା । ଇ ବାବ୍‌ଦେ ଓଜେଇଇ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ପରୀକ୍ଷା ସିବିଟି ମୋଡ୍‌ଥି କରାଯିବା ।

ଝାର୍‌ସୁଗୁଡ଼ା-ଲକ୍ଷ୍ନୌ ବିମାନ୍ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ାନୁ ଲକ୍ଷ୍ନୌକେ ବିମାନ୍ ସେବା ଆଏଜ୍‌ଠାନୁ ମୁଲ୍ ହେବା । ଷ୍ଟାର୍ ଏୟାର୍ ତର୍‌ଫୁ ଇ ବିମାନ୍ ସେବା ଯୁଗେଇ ଦିଆଯିବା । ହପ୍ତାର୍ ୪ ଦିନ୍ ମଙ୍ଗଲ୍‌ବାର୍, ଗୁରୁବାର୍, ଶୁକ୍ରବାର୍ ଆର୍ ଶନିବାର୍ ଦିନ ଇ ବିମାନ୍ ଚଲାଚଲ୍ କର୍‌ବା । ହାଇଦ୍ରାବାଦ୍‌ନୁ ଝାର୍‌ସୁଗୁଡ଼ାକେ ଚଲାଚଲ୍ କରୁଥିବା ବିମାନ୍ ଲକ୍ଷ୍ନୌକେ ସମ୍ପ୍ରସାରିତ୍ କରାଯାଇଛେ । ସେନ୍ତା ଆଏବା କାଏଲ୍‌ନୁ

ହାଇଦ୍ରାବାଦ୍‌ନୁ ଝାର୍‌ସୁଗୁଡ଼ା ଦେଇକରି ରାୟପୁର୍‌କେ ବିମାନ୍‌ସେବା ମୁଲ୍ ହେବା ।

ସ୍ୱତନ୍ତ୍ର ବୁଲେଟିନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ନ ୨୦୨୫-୨୬ କେନ୍ଦ୍ର ବଜେଟ୍ ଉପସ୍ଥାପନ୍ ବାବ୍‌ଦେ ଆଏଜ୍ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରନୁ ୨ ଟା ଅତିରିକ୍ତ ବୁଲେଟିନ୍ ପ୍ରସାରଣ୍ କରାଯିବା । ଆଝିରର୍ ଦୁହି ବେଲାର୍ ନିୟମିତ୍ ଆଂଚଳିକ୍ ଖବର୍ ସହେତେ ଉପର୍‌ବେଲା ସାଢ଼େ ୪ ନୁ ୪ ବାଜିକରି ୪୦ ମିନିଟ୍‌ତକ୍ ଆର୍ ୫ ବାଜିକରି ୨୫ ମିନିଟ୍‌ନୁ ସାଢ଼େ ୫ ବଜେତକ୍ ଅତିରିକ୍ତ ବୁଲେଟିନ୍ ପ୍ରସାରଣ୍ କରାଯିବା ।

ବଜେଟ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ସଂସଦ୍ ନ ଆଏଜ୍ ଉପସ୍ଥାପିତ୍ ହେବାର୍‌କେ ଥିବା କେନ୍ଦ୍ରୀୟ ବଜେଟ୍‌କେ ନେଇକରି ଲୁକ୍‌କର୍ ଭିତ୍‌ରେ ବହୁତ୍ ପ୍ରକାର୍ ଆଶା ଆକାଂକ୍ଷା ପ୍ରକାଶ୍ ପାଉଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍‌ର ବାସିନ୍ଦା ପ୍ରିୟରଞ୍ଜନ୍ ସାହୁ କହିଛନ୍...
(ଭଏସ୍ ଓଭର୍- ୧- ପ୍ରଫେସର୍)

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍ ମେଚ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲାଯିବା । ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଗଲାକାଏଲ୍ ସେମିଫାଇନାଲ୍‌ଥି ତାମିଲ୍‌ନାଡୁ ଡ୍ରାଗନ୍ସକେ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ସୁର୍‌ମା ହକି କ୍ଲବ୍‌କେ ହାଇଦ୍ରାବାଦ୍ ତୋଫାନ୍ସ ହରେଇକରି ଫାଇନାଲ୍‌କେ ଯାଇଛନ୍ ।